## ସଂକ୍ଷେପରେ

### ନାବାଳିକା ବଳାତ୍କାର ଘଟଣାରେ ଜଣେ ଗିରଫ

ଅନୁଗୋଳ, ୨୬।୭(ଅମିତ ସାମଲ)- ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଅନୁଗୋଳ ଜିଲା ପୋଲିସ ବଅଁରପାଳ ଥାନା ଗଡ଼ସନ୍ତ୍ରୀ ଗ୍ରାମର ସନ୍ଦୀପ ମାଝି (୨୧)ଙ୍କୁ ଗିରଫ କରିଛି। ନାବାଳିକାଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ଏ ସଂକ୍ରାନ୍ତରେ ନଂ. ୨୭୭/୨୩ରେ ମାମଲା ରୁଜୁ କରିଥିଲା। ସୂଚନାଯୋଗ୍ୟ, ଗତ ୨୧ ତାରିଖରେ ସମ୍ପୃକ୍ତା ୧୬ ବର୍ଷୀୟା ନାବାଳିକାକୁ ଯୁବକ ଜଣଙ୍କ ଅନୁଗୋଳକୁ ଆଣି ବଳାତ୍କାର କରିଥିଲେ।

### ଭଉଣୀ ଘରେ ନିଆଁ ଲଗାଇଦେଲେ ଭାଇ

ଅନୁଗୋଳ, ୨୬।୭(ଅମିତ ସାମଲ)- ଅନୁଗୋଳ ସଦର ଥାନା ଅନ୍ତର୍ଗତ ହାଣ୍ଡିଡ଼ିହରେ ଏକ ଅଭାବନୀୟ ଘଟଣା ଘଟିଛି। ଭାଇମାନେ ମିଳିତ ଭାବେ ଭଉଣୀଙ୍କ ଘର ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଜଲି ନାଏକଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୪୨୩/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଜଲି ୪ ବର୍ଷ ତଳେ ଅନୁଗୋଳ ହାକିମପଡ଼ାରେ ରହୁଥିଲେ। ତେବେ ତାଙ୍କ ବାପା ତାଙ୍କୁ ଜାଗା ଦେଇଥିବାରୁ ସେ ହାଣ୍ଡିଡ଼ିହରେ ଏକ ଚାଳ ଛପର ଘର କରି ରହୁଥିଲେ। ଗତ ୨୩ ତାରିଖରେ ହାକିମପଡ଼ାସ୍ଥିତ ଶାଶୁ ଘରକୁ ଆସିଥିବାବେଳେ ତାଙ୍କ ଭାଇମାନେ ଘରେ ନିଆଁ ଲଗାଇ ଦେଇଥିଲେ। ସୂଚନା ପାଇବା ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ମହିଳାଙ୍କୁ ଆକ୍ରମଣ ଅଭିଯୋଗ

ବଇଣ୍ଡା, ୨୬।୭(ପରିକ୍ଷିତ ସାହୁ)- ଠାକୁରଗଡ଼ ଥାନା ମିଣ୍ଡୋଳ ଗ୍ରାମର ଉପାସୀ ବାଘ ଓ ତାଙ୍କ ସ୍ୱାମୀ ଅରବିନ୍ଦ ବାଘଙ୍କୁ ସେହି ଗ୍ରାମର ତରୁଣ ସାହୁ, ଲକ୍ଷ୍ମୀଧର ନାୟକ, ପ୍ରତାପ ନାୟକ, ବାବୁଲି ସେଠୀ ଆକ୍ରମଣ କରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଉପାସୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୮୫/୨୩ରେ ଏକ ମାମଲା ରୁଜୁ କରିଛି। ଉପାସୀ ଉକ୍ତ ଗ୍ରାମ ସ୍କୁଲ ନିକଟକୁ ରାଶନ କାର୍ଡରେ ଚାଉଳ ପାଇଁ ଆସିଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସମ୍ପୃକ୍ତ ୪ ଜଣ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ବିଶ୍ୱରଞ୍ଜନ ଅନୁଗୋଳ ଜିଲା ଯୁବ କଂଗ୍ରେସ ସଭାପତି

ଅନୁଗୋଳ,୨୬।୭(ଅମିତ ସାମଲ)- ଅନୁଗୋଳ ଜିଲା ଯୁବ କଂଗ୍ରେସ ସଭାପତି ଭାବେ ବିଶ୍ୱରଞ୍ଜନ ପାଣିଗ୍ରାହୀ ନିର୍ବାଚିତ ହୋଇଛନ୍ତି। ଏଥିଲାଗି ଅନ୍‌ଲାଇନ୍‌ରେ ମତଦାନ ବ୍ୟବସ୍ଥା କରାଯାଇଥିବାବେଳେ ତାଙ୍କୁ ସର୍ବାଧିକ ୧୬୭୭ ଭୋଟ ମିଳିଥିଲା।

ଏହି ପଦବୀ ଲାଗି ହୋଇଥିବା ନିର୍ବାଚନରେ ୪ଜଣ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଯୁବ କଂଗ୍ରେସର ୩୫୦୧ ସଦସ୍ୟ ଯୋଡ଼ିହୋଇ ଅନ୍‌ଲାଇନରେ ମତ ସାବ୍ୟସ୍ତ କରିଥିଲେ। ଅନ୍ୟ ୩ ପ୍ରତିଦ୍ୱନ୍ଦ୍ୱୀ ବାପୁନ ଦେହୁରୀଙ୍କୁ ୭୯୧, ପ୍ରତାପ ଭୁକ୍ତାଙ୍କୁ ୭୦୧ ଏବଂ ଅଭିଷେକ ନାଏକଙ୍କୁ ୨୭୪ ଖଣ୍ଡ ଭୋଟ ମିଳିଥିଲା। ଏଥିପୂର୍ବରୁ ଜିଲା ଛାତ୍ର କଂଗ୍ରେସ ସଭାପତି ଭାବେ ବିଶ୍ୱରଞ୍ଜନ ଦାୟିତ୍ୱ ନିର୍ବାହ କରିସାରିଛନ୍ତି। ଏହି ବିଜୟ ପରେ ସେ ଜିଲାର ସମସ୍ତ ଯୁବ କଂଗ୍ରେସ ସଦସ୍ୟ, ଜିଲା ସଭାପତି ସଂଗ୍ରାମ ମିଶ୍ର,



ପୂର୍ବତନ ସାଧାରଣ ସମ୍ପାଦକ ବଲବୀର ସିଂ, ପୂର୍ବତନ ପ୍ରଦେଶ ଯୁବ କଂଗ୍ରେସ ଉପସଭାପତି ବିମଳ ବେହେରା, ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ଲୁଟୁ ରଞ୍ଜନ ଥାପ୍ପାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଅର୍ଥାଭାବରୁ ସିକିଲସେଲ୍ ଆକ୍ରାନ୍ତ ହୋମଗାର୍ଡଙ୍କ ମୃତ୍ୟୁ

## ୪ ମାସ ହେଲା ଦରମା ବନ୍ଦ

ଅନୁଗୋଳ, ୨୬।୭(ଅମିତ ସାମଲ)

'ସାହେବ ୪ ମାସ ହେଲା ଦରମା ଦେଉ ନ ଥିଲେ। ଔଷଧ କିଣିବାକୁ ଟଙ୍କା ନ ଥିଲା। ଭଲ ଭାବେ ଚିକିତ୍ସା ହୋଇପାରିଲାନି। ତେଣୁ ସିକିଲସେଲ୍‌ରେ ରୋଗରେ ପଡ଼ିଥିବା ସ୍ୱାମୀଙ୍କ ଜୀବନ ଚାଲିଗଲା'। ଅନୁଗୋଳ କାର୍ଯ୍ୟରତ ହୋମ୍‌ଗାର୍ଡ ପ୍ରଫୁଲ୍ଲ କୁମାର ନାୟକ (୪୫)ଙ୍କ ମୃତ୍ୟୁପରେ ଏଭଳି ଢଙ୍ଗରେ ଜିଲା ପୋଲିସ ପ୍ରଶାସନ ଉପରେ ନିଜର କ୍ଷୋଭ ବ୍ୟକ୍ତ କରିଛନ୍ତି ତାଙ୍କ ସ୍ତ୍ରୀ ଜୟନ୍ତୀ। ଅନ୍ୟପଟେ ଏଭଳି ଏକ ସମ୍ବେଦନଶୀଳ ଘଟଣା ପରେ ପୋଲିସ ବିଭାଗ ମୁଖିଆଙ୍କ ନୀରବତା ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିୟମିତ କାମ କରିବା ସତ୍ତ୍ୱେ କେଉଁ କାରଣରୁ ପ୍ରଫୁଲ୍ଲଙ୍କୁ ଦରମା ଦିଆଯାଉ ନ ଥିଲା, ତାହା ସ୍ପଷ୍ଟ କରିବାକୁ ମୃତ ହୋମଗାର୍ଡଙ୍କ ସ୍ତ୍ରୀ ଦାବି କରିଛନ୍ତି।

ଅଭିଯୋଗରୁ ଜଣାପଡ଼ିଛି, ଅନୁଗୋଳ ଥାନା ଭିଏଚ୍‌ଏଫ୍‌ରେ ହୋମଗାର୍ଡ ଭାବେ କାର୍ଯ୍ୟ କରୁଥିଲେ ପ୍ରଫୁଲ୍ଲ। ବୁଧବାର ସକାଳେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ପରେ ମୃତ ହୋମଗାର୍ଡଙ୍କ ପରିବାର ସଦସ୍ୟ ସିଧାସଳଖ ଜିଲା ପୋଲିସ ବିଭାଗ ମୁଖ୍ୟଙ୍କ ଉପରେ ଦୋଷ ଲଦିଛନ୍ତି। ପ୍ରଫୁଲ୍ଲ ସିକିଲ୍‌ସେଲ୍ ରୋଗରେ ଆକ୍ରାନ୍ତ ଥିଲା। ଏହି ଜଟିଳ ରୋଗ ଚିକିତ୍ସାରେ ବିପୁଳ ଟଙ୍କା ଖର୍ଚ୍ଚ ହେଉଥିଲା। ହେଲେ ୪ ମାସ ହେଲା ଦରମା ବନ୍ଦ କରି ଦିଆଯିବା ପରେ ମାସିକ ଔଷଧ କିଣିବା ତ ଦୂରର କଥା ପରିବାର ଚଳାଇବା କଷ୍ଟକର ହୋଇପଡ଼ିଥିଲା। ତେଣୁ ଅର୍ଥାଭାବାରୁ ଔଷଧ ସେବନ କରି ନ ପାରି ତାଙ୍କର ମୃତ୍ୟୁ ଘଟିଥିବା ଜୟନ୍ତୀ ଅଭିଯୋଗ କରିଛନ୍ତି। ଜୟନ୍ତୀ ଆହୁରି ମଧ କହିଛନ୍ତି, ଜିଲାରେ ନୂତନ ପୋଲିସ ମୁଖ୍ୟ ଯୋଗଦେବା ପରେ ଅଧିକାଂଶ ହୋମଗାର୍ଡଙ୍କୁ ନିୟମିତ ଦରମା ପ୍ରଦାନ କରାଯାଉନାହିଁ। ଆପତ୍ତି ଅଭିଯୋଗ କଲେ କୌଣସି ସୁଫଳ ମିଳୁନାହିଁ। ତାଙ୍କ ସ୍ୱାମୀଙ୍କ ଯେଉଁଭଳି ମୃତ୍ୟୁ ଘଟିଲା, ଏଭଳି ଦଶା ଆଉ କେହି ନ ଭୋଗନ୍ତୁ ବୋଲି ଜୟନ୍ତୀ କୋହଭରା କଣ୍ଠରେ କହିଛନ୍ତି।

ସୂଚନାଯୋଗ୍ୟ, ଅନୁଗୋଳ ଜିଲାରେ ୪୮୮ ଜଣ ହୋମଗାର୍ଡଙ୍କୁ ନିଯୁକ୍ତି ମିଳିଛି। ତନ୍ମଧ୍ୟରୁ ୪୩୦ରୁ ଊର୍ଦ୍ଧ୍ୱ ନିୟମିତ ଭାବେ କାର୍ଯ୍ୟ କରୁଛନ୍ତି। ନିକଟରେ ଥାନା ଅଧୀନରେ କାର୍ଯ୍ୟ କରୁଥିବା ହୋମ୍‌ଗାର୍ଡଙ୍କୁ ଦରମା ପ୍ରଦାନ କରାଯାଇଛି। ତେବେ ପୋଲିସ ମୁଖ୍ୟାଳୟ ଅନ୍ତର୍ଭୁକ୍ତ ଭିଏଚ୍‌ଏଫ୍ ସମେତ ଅନ୍ୟ କେତେଜଣ ହୋମଗାର୍ଡଙ୍କୁ ଦରମା ପ୍ରଦାନ କରାଯାଇ ନ ଥିବା ଜଣାପଡ଼ିଛି। ଏନେଇ ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କୁ ତାଙ୍କ ସରକାରୀ ଫୋନ୍ ନମ୍ବର ୯୪୩୮୯୧୬୪୩୦ରେ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ସହ କୌଣସି ସମ୍ପର୍କ ହୋଇପାରି ନ ଥିଲା। ତେଣୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ଶୋକସନ୍ତପ୍ତ ପରିବାର ବର୍ଗ।

# ଆକାଉଣ୍ଟରୁ ୨.୫୭ ଲକ୍ଷ ନେଇଗଲେ ସାଇବର ଠକ

## ୧୦ମ ଛାତ୍ରଙ୍କୁ ମହଙ୍ଗା ପଡ଼ିଲା ଇନ୍‌ଷ୍ଟାଗ୍ରାମ୍ ରିଲ୍ସ

ଅନୁଗୋଳ, ୨୬।୭(ଅମିତ ସାମଲ)

ଇନ୍‌ଷ୍ଟାଗ୍ରାମରେ ରିଲ୍ସ ଦେଖିବା ଜଣେ ୧୦ମ ପଢ଼ୁଆ ଛାତ୍ରଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ସାଇବର ଠକ କୌଶଳ କ୍ରମେ ତାଙ୍କ ମା'ବାପାଙ୍କ ଆକାଉଣ୍ଟରୁ ୨ ଲକ୍ଷ ୫୭ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ନାବାଳକଙ୍କ ବାପା ଅନୁଗୋଳ ସାଇବର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୬/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ଅନୁଗୋଳ ଜିଲା ଗୋପାଳପ୍ରସାଦ ଥାନା ଅନ୍ତର୍ଗତ ତିଳେଇପଣି ଗ୍ରାମର ସମ୍ପୃକ୍ତ ଦଶମ ଶ୍ରେଣୀର ଛାତ୍ର ମୋବାଇଲରେ ଇଷ୍ଟଗ୍ରାମ୍ ରିଲ୍ସ ଦେଖୁଥିଲେ। ଏହି ସମୟରେ ଏକ ବିଜ୍ଞାପନ ଆସିଥିଲା। ସେଥିରେ ଦର୍ଶାଯାଇଥିବା ହ୍ୱାଟ୍ସଆପ୍ ନମ୍ବରରେ ନାବାଳକ ଜଣଙ୍କ ମେସେଜ୍ କରିଥିଲେ। ଏହାପରେ ହ୍ୱାଟ୍ସଆପ୍‌ରେ ଦୁଇଟି ପୃଥକ ନମ୍ବରରୁ ଫୋନ୍ ଆସିଥିଲା। ସ୍ୱଳ୍ପ ଅର୍ଥରେ ଆଇଫୋନ୍, ଆଇୱାଚ୍, ଡଲାର ପ୍ରଦାନ କରାଯିବ ବୋଲି ଠକ ଜଣକ କହିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ନାବାଳକ ଜଣଙ୍କ ତାଙ୍କ ମା'ଙ୍କ ଆକାଉଣ୍ଟରୁ ପ୍ରଥମେ ୨ ହଜାର ଟଙ୍କା ପାର୍ସଲ ବାବଦକୁ ପଠାଇଥିଲେ। ଏହାପରେ ରେଜିଷ୍ଟ୍ରେଶନ୍ ଫି' ବାବଦକୁ ୫ ହଜାର ଟଙ୍କା ପଠାଇଥିଲେ। ପରେ ଠକ ଜଣଙ୍କ ଦୁବାଇ ଗେଟ୍ ପାସ୍ ପାଇଁ ୨୫ ହଜାର ଟଙ୍କା, ପୋଲିସ ଯାଞ୍ଚ ବାବଦକୁ ୧୫ ହଜାର ଟଙ୍କା, ଇଣ୍ଡିଆ ଗେଟ୍ ପାସ୍ ପାଇଁ ୧୫ ହଜାର ଟଙ୍କା, ଗାଡ଼ି ଖରାପ୍ ହୋଇଛି ବୋଲି କହି ୩୦ ହଜାର ଟଙ୍କା, ମହିଳା କନଷ୍ଟେବଲ ଗାଡ଼ି ସହ ପାର୍ସଲ ଧରି ଦେଇଛନ୍ତି କହି ଟଙ୍କା ନେଇ ଯାଇଥିଲେ। ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଠକେଇ ୨୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ନାବାଳକ ଜଣଙ୍କ ତାଙ୍କ ମା 'ଓ ବାପାଙ୍କ ଆକାଉଣ୍ଟରୁ ଫୋନ୍ ପେ' ମାଧ୍ୟମରେ ଟଙ୍କା ପଠାଉଥିଲେ। ବାପାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହେବା ଘଟଣା ଜଣାପଡ଼ିବା ପରେ ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟ ଯାଞ୍ଚ କରିଥିଲେ। ଏହାପରେ ମୋଟ୍ ୨ ଲକ୍ଷ ୫୭ ହଜାର ଟଙ୍କା ଗାଏବ ହୋଇଥିବା ଜଣାପଡ଼ିଥିଲା। ନାବାଳକର ବାପାଙ୍କ ଆକାଉଣ୍ଟରୁ ୮ ପର୍ଯ୍ୟାୟରେ ୧ ଲକ୍ଷ ୧୦ ହଜାର ଟଙ୍କା ଯାଇଥିବାବେଳେ ମା' ଆକାଉଣ୍ଟରୁ ୧୪ଟି ପର୍ଯ୍ୟାୟରେ ୧ ଲକ୍ଷ ୪୭ ହଜାର ଟଙ୍କା ଯାଇଥିବା ଲିଖିତ ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ସାଇବର ଥାନା ଅଧିକାରୀ ବିଭୂତି ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଘଟଣାରେ ଲିଖିତ ଅଭିଯୋଗ କରିବା ପରେ ମାମଲା ରୁଜୁ କରାଯାଇଛି। ତଦନ୍ତ ଚାଲିଛି।

# ନାଲ୍‌କୋ ଅଚଳାବସ୍ଥା ଦୂର ପାଇଁ ଦାବି



କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## କେନ୍ଦ୍ର କୋଇଲା ମନ୍ତ୍ରୀଙ୍କୁ ସ୍ମାରକପତ୍ର

ଅନୁଗୋଳ, ୨୬।୭(ଅମିତ ସାମଲ)

ନାଲ୍‌କୋରେ ଜାରି ରହିଥିବା ଅଚଳାବସ୍ଥାର ପ୍ରମୁଖ କାରଣ ଶାସକ ଦଳର ରାଜନୈତିକ ହସ୍ତକ୍ଷେପ ବୋଲି ଅଭିଯୋଗ କରିଛନ୍ତି ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ପ୍ରଧାନ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା। ଏ ସଂକ୍ରାନ୍ତରେ ଉଭୟେ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି। ଏଥିସହ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସୁପରିଚାଳନା ପାଇଁ ତାଙ୍କର ହସ୍ତକ୍ଷେପ ଲୋଡ଼ିଛନ୍ତି।

ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ସ୍ଥାନୀୟ ଅଞ୍ଚଳର ଶାସକ ଦଳର ଜଣେ କ୍ଷମତାଶାଳୀ ନେତା ନାଲକୋ ପରିଚାଳନାରେ ଅଯଥା ହସ୍ତକ୍ଷେପ କରୁଛନ୍ତି। କ୍ଷତିଗ୍ରସ୍ତ ହୋଇ ନ ଥିବା ନିଜ ପସନ୍ଦର ବ୍ୟକ୍ତିଙ୍କୁ ଚୁକ୍ତିଭିତ୍ତିକ କର୍ମଚାରୀ ଭାବେ ନିଯୁକ୍ତି ଦେବା ଲାଗି ଚାପ ପକାଉଛନ୍ତି। ନାଲ୍‌କୋକୁ କୋଇଲା ଯୋଗାଣରେ ଷଡ଼ଯନ୍ତ୍ର କରାଯାଉଛି। ନାଲକୋ ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ବା ସିପିପି ପ୍ଲାଣ୍ଟରୁ ଲିନସ୍ଲରୀ ପ୍ରକଳ୍ପରେ ପାଉଁଶ ନିଷ୍କାସନ ହୋଇପାରୁନାହିଁ। ସିପିପିର ୩ଟି ୟୁନିଟ୍ ବନ୍ଦ କାରଣରୁ କମ୍ପାନୀ ଉତ୍ପାଦନ କମାଇବା ପାଇଁ ବାଧ୍ୟ ହୋଇଛି। ସିପିପିରୁ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ଯୋଗୁ ସ୍ମେଲଟର ପ୍ଲାଣ୍ଟର ଆବଶ୍ୟକତା ଭରଣା ପାଇଁ ନାଲକୋ ରାଜ୍ୟ ଗ୍ରୀଡ୍‌ଠାରୁ ଅଧିକ ଦରରେ ବିଦ୍ୟୁତ୍ କିଣୁଛି। ଏହାଦ୍ୱାରା ରାଜ୍ୟ ଓ ରାଷ୍ଟ୍ରୀୟ ରାଜକୋଷର ଅନେକ କୋଟି ଟଙ୍କା ରାଜସ୍ୱ କ୍ଷତି ହୋଇଛି। ଜିଲା ପ୍ରଶାସନ ଏହି ଘଟଣାରେ ନୀରବଦ୍ରଷ୍ଟା ସାଜିଛି। କେତେଜଣ ନ୍ୟସ୍ତ ସ୍ୱାର୍ଥପର ଲୋକ ନାଲ୍‌କୋକୁ ବନ୍ଦ କରିବା ପାଇଁ ଅପଚେଷ୍ଟା ଚଳାଇଛନ୍ତି। ଏସବୁ ସମସ୍ୟାର ସମାଧାନ ଲାଗି ବିଭାଗୀୟ କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯାଇଥିବା ପ୍ରତାପ ଏବଂ ଅଗସ୍ତି ସୂଚନା ଦେଇଛନ୍ତି।

# ସାପ ନେଲା ୨ ଜୀବନ

ଅନୁଗୋଳ, ୨୬।୭(ଅମିତ ସାମଲ)

ଅନୁଗୋଳ ଜିଲାର ପୃଥକ ସ୍ଥାନରେ ସାପ କାମୁଡ଼ାରେ ୨ଜଣଙ୍କ ଜୀବନ ଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି। ଠାକୁରଗଡ଼ ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ସନ୍ତୋଷ ବେହେରାଙ୍କ ପୁଅ ଶ୍ରୀରାମ ବେହେରା (୧୧)ଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକ ତାଙ୍କୁ ପ୍ରଥମେ ଆଠମଲ୍ଲିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେହିପରି ମଙ୍ଗଳବାର ବଅଁରପାଳ ଥାନା ଅନ୍ତର୍ଗତ ତଳମୂଳ ଗ୍ରାମର କୃପା ନାଏକଙ୍କ ପୁଅ କିରଣ ନାଏକ (୩୫) ବିଲରେ କାମ କରୁଥିବାବେଳେ ଯନ୍ତ୍ରଣା ଅନୁଭବ କରିଥିଲେ। ଘରକୁ ଆସିବା ପରେ ତାଙ୍କ ପାଟିରୁ ଫେଣ ବାହାରିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ପୋଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବସୁଧା ପାଣି ପ୍ରକଳ୍ପ ପମ୍ପ ଚୋରି

ଅନୁଗୋଳ, ୨୬।୭(ଅମିତ ସାମଲ)

ଅନୁଗୋଳ ସଦର ଥାନା ଅନ୍ତର୍ଗତ କାଙ୍ଗୁଲା ବେନ୍ତପୁର ପଞ୍ଚାୟତରେ ବସୁଧା ପ୍ରକଳ୍ପର ପାଣି ପମ୍ପକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଛନ୍ତି। ସ୍ଥାନୀୟ ସରପଞ୍ଚ ଅର୍ଚ୍ଚନା ସେଠୀ ଏ ନେଇ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୪୨୫/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସରପଞ୍ଚ ଅଭିଯୋଗ କରିଛନ୍ତି ଯେ, କାଙ୍ଗୁଲା ବେନ୍ତପୁର ପଞ୍ଚାୟତ ଅଧୀନରେ ଥିବା କାଙ୍ଗୁଲା, ବେନ୍ତପୁର, ବାଦିବାହାଲ, ନୂଆହତା, ଭେରୁଗୁଣ୍ଡାରେ ଚୋର ମାତିଛନ୍ତି। ନିୟମିତ ବ୍ୟବଧାନରେ ଅଞ୍ଚଳରୁ ଚୋରି ହୋଉଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସେ ଦାବି କରିଛନ୍ତି।

# ଦେଶପ୍ରେମ ବାର୍ତ୍ତା ଦେଲେ ଡିଆଇଜି

## ୨୪ତମ କାର୍‌ଗିଲ ବିଜୟ ଦିବସ

ଅନୁଗୋଳ, ୨୬।୭(ଅମିତ ସାମଲ)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

'ଶହୀଦ ମାନସ ରଞ୍ଜନ ସ୍ମୃତି ପରିଷଦ' ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୪ତମ କାର୍‌ଗିଲ ବିଜୟ ଦିବସ ବୁଧବାର ପାଳିତ ହୋଇଯାଇଛି। ଉତ୍ତର କେନ୍ଦ୍ରାଞ୍ଚଳ ପୋଲିସ ଡିଆଇଜି ବ୍ରିଜେଶ କୁମାର ରାୟ ପ୍ରଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଡିଆଇଜି କାରଗିଲ ଶହୀଦ ମାନସ ରଞ୍ଜନ ସାହୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ନିଜ ଅଭିଭାଷଣରେ ସେ କହିଲେ, ଶହୀଦ ମାନସଙ୍କ ତ୍ୟାଗ ଓ ଦେଶପ୍ରେମର ତୁଳନା ନାହିଁ। ସମୁଦ୍ର ପତନରୁ ୧୨ ହଜାର ଫୁଟ ଉଚ୍ଚତାରେ ଭାରତୀୟ ଯବାନମାନେ ଯେଉଁଭଳି ଭାବେ ପାକିସ୍ତାନୀ ସେନାର ମୁକାବିଲା କଲେ ତାହା ଇତିହାସରେ ଲେଖା ହୋଇ ରହିବ। ମୁଖ୍ୟ ବକ୍ତା ଭାବେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ କହିଲେ, ଗଛ ଲଗାଇବା, ପ୍ଲାଷ୍ଟିକ ବର୍ଜନ କରିବା, ଭଲ ଖେଳାଳି କିମ୍ବା ବୈଜ୍ଞାନିକ ହୋଇ ଭାରତ ମାତାର ସେବା କରିହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଆଇନଜୀବୀ ରୁଚିର କୁମାର ପାଣିଗ୍ରାହୀ, ମହାରାଣୀ ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ଅଜୟ କୁମାର ଦଳବେହେରା, ଶହୀଦ ମାନସଙ୍କ ଭାଇ ମନୋଜ କୁମାର ସାହୁ କାରଗିଲ ଯୁଦ୍ଧର ପୃଷ୍ଠଭୂମି ଉପରେ ଆଲୋଚନା କରିଥିଲେ। ଅନୁଗୋଳରେ ଏକ ଶହୀଦ ମିନାର ପ୍ରତିଷ୍ଠା କରିବା ଲାଗି ଦାବି କରାଯାଇଥିଲା। ସମାରୋହରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଚିତ୍ରକଳା ବିଭାଗର ସହକାରୀ ଅଧ୍ୟାପକ ଲମ୍ବୋଦର ନାୟକ, ଅନୁଗୋଳ ପାଣିପାଗ ବିଭାଗର ବରିଷ୍ଠ ହିସାବ ରକ୍ଷକ ଭଗବାନ ପାଣିଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ପରିଷଦର ସମ୍ପାଦକ ପର୍ଶୁରାମ ଦାଶ, ବିଶ୍ୱରଞ୍ଜନ ପଟ୍ଟନାୟକ, ସଭାପତି ପ୍ରତାପ ମହାପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଦାସଗୁପ୍ତ, ସୁବ୍ରତ ତ୍ରିପାଠୀ, ସୁଶାନ୍ତ ସେଠୀ, ଶିବାଶିଷ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଢ଼େଇ ଲକ୍ଷ ଟଙ୍କାର ବ୍ରାଉନ୍ ସୁଗାର ଜବତ

ତାଳଚେର/ଅନୁଗୋଳ, ୨୬।୭
(ମନୋଜ ନନ୍ଦ/ଅମିଲ ସାମଲ)

ତାଳଚେର ଅବକାରୀ ବିଭାଗ ସମଲ ଥାନା ପବିତ୍ର ନଗର ନିକଟରେ ବୁଧବାର ଚଢ଼ାଉ କରି ୨୦ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ସିଲଂ ଗ୍ରାମର ବିଜୟ କୁମାର ସାହୁ (୪୫) ଗିରଫ ହୋଇଛନ୍ତି।

ଅନୁଗୋଳ ଅବକାରୀ ଏସ୍‌ପି ମଧୁସ୍ମିତା ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବାବେଳେ ସମଲ ଅଞ୍ଚଳରୁ ପ୍ରଥମ କରି ବ୍ରାଉନ୍ ସୁଗାର କାରବାରରେ ସମ୍ପୃକ୍ତ ଜଣେ ଅଭିଯୁକ୍ତ ଧରାପଡ଼ିଛନ୍ତି। ସିଲଂ ଗ୍ରାମର ବିଜୟ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ଗୋଇନ୍ଦା ସୂଚନା ମିଳିବା ପରେ ତାଳଚେର ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ କୁଳମଣି ମହାରଣା ତାଙ୍କ ଉପରେ ନଜର ରଖିଥିଲେ। ବୁଧବାର ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ଅବକାରୀ କର୍ମଚାରୀ ତାଙ୍କୁ କାବୁ କରିଥିଲେ। ତାଙ୍କ ନିକଟରୁ ଏକ ବାଇକ୍ (ନଂ. ଓଡ଼ି ୩୫ ଜି ୦୧୯୫) ଜବତ କରାଯାଇଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ନିଷିଦ୍ଧ ନିଶା କାରବାର ଚେର କୁଆଡ଼େ ଲମ୍ବିଛି, ତାହା ଜାଣିବା ପାଇଁ ବିଭାଗ ପକ୍ଷରୁ ଖୋଳତାଡ଼ ଚାଲିଛି।



ଗିରଫ ଅଭିଯୁକ୍ତ।

# ୨ ଅଭିଯୁକ୍ତ କୋର୍ଟ ଚାଲାଣ



## ଉପବାଚସ୍ପତିଙ୍କ ଘର ଆଗରେ ଖଣ୍ଡା ବୁଲିବା ଘଟଣା

ଅନୁଗୋଳ, ୨୬।୭(ଅମିତ ସାମଲ)

ଓଡ଼ିଶା ବିଧାନସଭାର ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂଙ୍କ ଗୋଡମରା ବାସଭବନ ସମ୍ମୁଖରେ ଗତ ମଙ୍ଗଳବାର ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଗୋଡମରା ଅଞ୍ଚଳର ଦୀପକ ଭୋଇ ଓରଫ ଦିଲୁ (୩୫) ଓ ସିପୁନ୍ ଭୋଇ (୨୫)। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ସମ୍ପୃକ୍ତ ୨ ଅଭିଯୁକ୍ତ ନିଶାସକ୍ତ ଅବସ୍ଥାରେ ବିଧାୟକଙ୍କ ଘର ସମ୍ମୁଖକୁ ଖଣ୍ଡା, ଟାଙ୍ଗିଆ ଧରି ପହଞ୍ଚି ଥିଲେ। ସେମାନଙ୍କୁ କାହିଁକି ରାଜନୀତିରେ ଗୁରୁତ୍ୱ ଦିଆଯାଉନାହିଁ ବୋଲି ପଚାରି ଗାଳିଗୁଲଜ କରିଥିଲେ। ବିଧାୟକଙ୍କ ଘରେ ରହୁଥିବା ନୟାଗଡ଼ ଜିଲା ରଣପୁର ଅଞ୍ଚଳର ବୀରେନ୍ଦ୍ର କୁମାର ରାଏଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସୂଚନା ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିବାବେଳେ ସେମାନେ ମଧ ଅଭିଯୁକ୍ତଙ୍କ ଆକ୍ରୋଶରୁ ବର୍ତ୍ତି ନ ଥିଲେ। ଏ ନେଇ ବୀରେନ୍ଦ୍ରଙ୍କ ଅଭିଯୋଗ କ୍ରମେ ବଅଁରପାଳ ଥାନାରେ ନଂ. ୨୭୫/୨୩ରେ ଏବଂ ବଅଁରପାଳ ଥାନା ଏଏସ୍‌ଆଇ ହରେଶ ଚନ୍ଦ୍ର ଦଳେଇଙ୍କ ଲିଖିତ ଅଭିଯୋଗକ୍ରମେ ନଂ. ୨୭୬/୨୩ରେ ମାମଲା ରୁଜୁ କରାଯାଇଥିଲା। ପୋଲିସ ଫୋର୍ସ ଗୋଡମରା ଉପରସାହିରେ ପହଞ୍ଚି ଦିଲୁ ଓ ସିପୁନ୍‌ଙ୍କୁ ଉଠାଇ ନେଇଥିଲା। ଏହି ଘଟଣାରେ ଦୁହିଁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ମାଧପୁର, ୨୬।୭(ମନୋଜ ପ୍ରଧାନ)

ଅନୁଗୋଳ ଜିଲା ଆଠମଲ୍ଲିକ ଥାନା କମ୍ପଲା ପଞ୍ଚାୟତ ଅଧୀନ ରଞ୍ଜନା ଗ୍ରାମରେ ବୁଧବାର ଜଣେ ମହିଳାଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ନମିତା ମହାକୁଡ଼। ଶାଶୁଘର ଲୋକେ ଏହାକୁ ଆତ୍ମହତ୍ୟା କହୁଥିବାବେଳେ ମୃତ ମହିଳାଙ୍କ ବାପଘର ଲୋକ ଯୌତୁକ ଲାଗି ନମିତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଘଟଣା ସମ୍ବେଦନଶୀଳ ଥିବାରୁ ସାଇଣ୍ଟିଫିକ୍ ଟିମ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, କିଆକଟା ଥାନା ଅନ୍ତର୍ଗତ ରାଉତପଡ଼ା ଗ୍ରାମର ଏକାଦଶୀ ମହାକୁଡ଼ଙ୍କ ଝିଅ ନମିତାଙ୍କ ବିବାହ ୪ ବର୍ଷ ତଳେ ଆଠମଲ୍ଲିକ ଥାନା ଅନ୍ତର୍ଗତ ରଞ୍ଜନା ଗ୍ରାମର ଅକ୍ରୁର ମାହାରଙ୍କ ପୁଅ ଅରବିନ୍ଦଙ୍କ ସହ ବୈଦିକ ରୀତିରେ ହୋଇଥିଲା। ତେବେ ସନ୍ତାନ ଜନ୍ମ ହେଉ ନ ଥିବାରୁ ଏଥିଲାଗି ଶାଶୁଘର ଲୋକେ ନମିତାଙ୍କୁ ଦାୟୀ କରି ନିର୍ଯାତନା ଦେଉଥିଲେ। ଭୁବନେଶ୍ୱରରେ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ବାପଘରୁ ଟଙ୍କା ଆଣିବାକୁ ଦାବି କରୁଥିଲେ। ଯୌତୁକ ବାବଦ ୭୦ ହଜାର ଟଙ୍କା ଦେବା ଲାଗି ବାଧ୍ୟ କରୁଥିଲେ। ତେବେ ୨୦,୦୦୦ ଯୌତୁକ ଟଙ୍କା ଫୋନ୍ ପେ'ରେ ଅରବିନ୍ଦଙ୍କ ଭାଇ ଅନିଲଙ୍କୁ ପଠାଯାଇଥିଲା। ଗତ ମଙ୍ଗଳବାର ନମିତାଙ୍କ ଦେହ ଅସୁସ୍ଥ ଥିବା ନେଇ ଅରବିନ୍ଦଙ୍କଠାରୁ ସୂଚନା ପାଇଥିଲେ ବାପଘର ଲୋକେ। ଏହାପରେ ସେମାନେ ଗ୍ରାମରେ ପହଞ୍ଚିବା ବେଳକୁ ନମିତାଙ୍କ ମୃତ୍ୟୁ ହୋଇସାରିଥିଲା। ଯୌତୁକ ପାଇଁ ଝିଅକୁ ଚିପିଚିପି ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଉଥିବା ପରିବାର ପକ୍ଷରୁ ଏତଲାରେ ଦର୍ଶାଯାଇଛି।

ସୂଚନା ପାଇ ମାଜିଷ୍ଟ୍ରେଟ୍ ଭାବେ ଆଠମଲ୍ଲିକ ଅତିରିକ୍ତ ତହସିଲଦାର ପ୍ରଭାତ ବିଶ୍ୱାଳ, ଆଇଆଇସି ନୀରୋଦ କୁମାର ଦାସ, ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତନାଘନା ଆରମ୍ଭ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠମଲ୍ଲିକ ମେଡିକାଲ ପଠାଇ ଦିଆଯାଇଛି। ଏ ନେଇ ନଂ. ୧୬୮/୨୩ରେ ଏକ ମାମଲା ରୁଜୁହୋଇଛି। ପୋଲିସ ଅଭିଯୁକ୍ତ ସ୍ୱାମୀ ଅରବିନ୍ଦଙ୍କୁ ଅଟକ ରଖି ପଚାରାଉଚରା କରୁଥିବା ଆଇଆଇସି ଦାସ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ରେଡ୍‌କ୍ରସ୍ ପାଣ୍ଠିକୁ ୩୫ ହଜାର ଦାନ



କାମାକ୍ଷାନଗର, ୨୬।୭(ସୁଧୀର ପରିଡ଼ା)-ଢେଙ୍କାନାଳ ଜିଲା କାମାକ୍ଷାନଗର ନୂଆରେକୁଳା ଗ୍ରାମସ୍ଥିତ ହାଡ଼ଯୋଡ଼ା କେନ୍ଦ୍ରର ବୈଦ୍ୟରାଜ ସର୍ବେଶ୍ୱର ପାତ୍ର ବୁଧବାର ଜିଲା ରେଡ୍‌କ୍ରସ୍ ପାଣ୍ଠିକୁ ୩୫ ହଜାର ଦାନ କରିଛନ୍ତି। ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଏହି ଅର୍ଥରାଶି ଗ୍ରହଣ କରିଥିଲେ। ସର୍ବେଶ୍ୱର ପାରମ୍ପରିକ ପଦ୍ଧତିରେ ଭଙ୍ଗା ହାଡ଼ଯୋଡ଼ା କାର୍ଯ୍ୟ କରି ଆସୁଛନ୍ତି। ଉଚ୍ଚ ଶିକ୍ଷିତ ହୋଇ ସୁଦ୍ଧା ୪ ପିଢ଼ିର କୌଳିକ ବୃତ୍ତିକୁ ସେ ବଞ୍ଚାଇ ରଖିଛନ୍ତି। 'ମାନବ ସେବାକୁ ମାଧବ ସେବା' ବୋଲି ମନେକରି ସେ ୫ ବର୍ଷ ହେଲା ରେଡ୍‌କ୍ରସ୍ ପାଣ୍ଠିକୁ ଯଥାସାଧ ଦାନ କରି ଆସୁଛନ୍ତି। ବୈଦ୍ୟ ସର୍ବେଶ୍ୱରଙ୍କ ଏଭଳି କାର୍ଯ୍ୟକୁ ଉପଜିଲାପାଳ ପ୍ରଶଂସା କରିଛନ୍ତି।

### ପ୍ରଧାନ ଶିକ୍ଷକଙ୍କ ଅକାଳ ବିୟୋଗ

ଢେଙ୍କାନାଳ, ୨୬।୭(ରତନ ନାୟାର)-ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବେଣାଝର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପ୍ରଧାନ(୫୯)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ ମସ୍ତିଷ୍କ ପ୍ରଦାହରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ



ହେଉଥିଲେ। ମରଶରୀର ପୈତୃକ ଗ୍ରାମ ବାରଦାପାଟଣା ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁ, କୃଷ୍ଣଚନ୍ଦ୍ର ସାହୁ, ଗଁଦିଆ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ସମ୍ପାଦକ ଅକ୍ଷୟ କୁମାର ମିଶ୍ର, କୋଷାଧକ୍ଷ ଅଜିତ ରାଉତ, ପ୍ରଧାନ ଶିକ୍ଷକ ଯୁଗଳ କିଶୋର ଦାସ, ବୀରେନ ସାମନ୍ତ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

# ୮ ବ୍ଲକରେ ନିର୍ମାଣ ହେବ ଶୀତଳଭଣ୍ଡାର

ଢେଙ୍କାନାଳ, ୨୬।୭(ରତନ ନାୟାର)



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

■'ଆମ ଓଡ଼ିଶା-ନବୀନ ଓଡ଼ିଶା' କାର୍ଯ୍ୟକ୍ରମକୁ ଗୁରୁତ୍ୱ

■ବ୍ୟାଙ୍କ ସହ ଯୋଡ଼ିହେବେ ନବଗଠିତ ୨୦୦୦ ଗ୍ରୁପ

ଢେଙ୍କାନାଳ ଜିଲାର ସମସ୍ତ ୮ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ କରାଯିବ। ନବଗଠିତ ୨୦୦୦ ମିଶନ ଶକ୍ତି ଗ୍ରୁପ୍‌କୁ ଅଗଷ୍ଟ ଶେଷ ସୁଦ୍ଧା ବ୍ୟାଙ୍କ୍ ସହ ଯୋଡ଼ାଯିବ। ରାଜ୍ୟ ସରକାର ନୂଆ କରି ଆରମ୍ଭ କରିଥିବା 'ଆମ ଓଡ଼ିଶା-ନବୀନ ଓଡ଼ିଶା' କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯିବ। ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ଜିଲା ପରିଷଦ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉଭୟ ସହର ଓ ଗ୍ରାମାଞ୍ଚଳର ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। 'ଆମ ଓଡ଼ିଶା-ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଶିକ୍ଷା, ସଂସ୍କୃତି, ମିଶନ ଶକ୍ତି, ଯୁବ ଶକ୍ତି, ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦିଆଯିବ। କୃଷିକ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ଉପାଦେୟତା, ସମନ୍ୱିତ କୃଷି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଜିଲାର ସମସ୍ତ ୮ଟି ବ୍ଲକରେ ଗୋଟିଏ ଲେଖାଏ ଶୀତଳ ଭଣ୍ଡାର ନିର୍ମାଣ କରାଯିବ। ମଧ୍ୟାହ୍ନଭୋଜନ ପ୍ରସ୍ତୁତି ଓ ପରିଚାଳନାରେ ମିଶନ ଶକ୍ତି ଗୋଷ୍ଠୀ ନିୟୋଜିତ ହେବେ। 'ମୋ ହସ୍ପିଟାଲ'ରେ ମିଶନ ଶକ୍ତି କାଫେ ଖୋଲିବ। ସହରାଞ୍ଚଳରେ ଭେଣ୍ଡିଂ ଜୋନ, ମିଶନ ଶକ୍ତି ଗୃହ, ସ୍ମାର୍ଟ ପାର୍କିଂ, ଅତ୍ୟାଧୁନିକ ଶବଦାହ ଗୃହ, ସହରାଞ୍ଚଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସହରାଞ୍ଚଳ ଜୀବିକା ମିଶନ ଆଦି ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରାଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର, କୃଷିବିଭାଗ ଅଧିକାରୀମାନେ ଯୋଗ ଦେଇଥିଲେ।

# ବିଷାକ୍ତ ଛତୁ ତରକାରି ଖାଇ ୬ ଗୁରୁତର

ଭୁବନ, ୨୬।୭(ବିପିନ ବିହାରୀ ସେଠୀ)

ବିଷାକ୍ତ ଛତୁ ତରକାରି ଖାଇ ପରିବାରର ୬ ଜଣ ଗୁରୁତର ହୋଇଛନ୍ତି। ଢେଙ୍କାନାଳ ଜିଲା ଭୁବନ ବ୍ଲକ ସୁରପ୍ରତାପପୁର ପଞ୍ଚାୟତ ନୂଆଟିପିଲେଇ ଗ୍ରାମର ବୁଧବାର ଏହି ଘଟଣା ଘଟିଛି। ଗୁରୁତରମାନେ ହେଲେ ପାର୍ବତୀ ଦଳେଇ (୬୦), ପରମାନନ୍ଦ ଦଳେଇ (୪୫), ସୁଷମା ଦଳେଇ (୪୦), ବବିତା ଦଳେଇ (୩୫), ଲକ୍ଷ୍ମୀଧର ଦଳେଇ (୩୦) ଏବଂ ସନ୍ତୋଷ ଦଳେଇ (୬)। ଘରଲୋକେ ବାଡ଼ିପଟ ପାଳଗଦାରେ ଫୁଟିଥିବା ଛତୁକୁ ତରକାରି ଖାଇଥିଲେ। ଅପରାହ୍ନରେ ସମସ୍ତଙ୍କ ଶରୀର ଅସୁସ୍ଥ ହୋଇପଡ଼ିଥିଲା। ଗୁରୁତର ହୋଇପଡ଼ିବାରୁ ସନ୍ଧ୍ୟାରେ ସମସ୍ତେ ଡାକ୍ତରଖାନାକୁ ଆସିଥିଲେ। ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି।



ଡାକ୍ତରଖାନାରେ ଜଣେ ଗୁରୁତର ଶିଶୁଙ୍କ ଚିକିତ୍ସା ଚାଲିଛି।

# ରାସ୍ତା ବିପଦସଙ୍କୁଳ: ପଥଚାରୀ ହନ୍ତସନ୍ତ



ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

ଢେଙ୍କାନାଳ,୨୬।୭(ରତନ ନାୟାର)

ଢେଙ୍କାନାଳରୁ ବିଶ୍ୱ ପ୍ରସିଦ୍ଧ ମହିମାଧର୍ମର ପୀଠ ଯୋରନ୍ଦାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ବେଲଟିକିରି ଗ୍ରାମ ନିକଟରେ ଅତିମାତ୍ରାରେ ବିପଦସଙ୍କୁଳ ହୋଇପଡ଼ିଛି। ଲଗାଣବର୍ଷାରେ ଏହି ପ୍ରମୁଖ ସଡ଼କ ଶୋଚନୀୟ ହୋଇପଡ଼ିଛି। ଫଳରେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କ ସମେତ ପଞ୍ଚାୟତବାସୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ ସଂଯୋଗ କରୁଥିବା ରାସ୍ତା ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ନ ଦେବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ସରପଞ୍ଚ ବଳଭଦ୍ର ସାମଲ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ବୁଧବାର ଲିଖିତ ଭାବେ ଜଣାଇଛନ୍ତି। ଉକ୍ତ ରାସ୍ତା ସମ୍ପର୍କରେ ମଙ୍ଗଳବାର ସଡ଼କ ସୁରକ୍ଷା କମିଟି ବୈଠକରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଖୁବ୍‌ଶୀଘ୍ର ରାସ୍ତାର ମରାମତି କରାଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ନାୟକ ସୂଚନା ଦେଇଥିଲେ।

# ସିଏସ୍‌ଆର ରିପୋର୍ଟ ସାର୍ବଜନୀନ କରିବା ଦାବି

ଢେଙ୍କାନାଳ, ୨୬।୭(ରତନ ନାୟାର)

ଓଡ଼ିଶାର ଶିଳ୍ପାନୁଷ୍ଠାନଗୁଡ଼ିକ ସେମାନଙ୍କ କମ୍ପାନୀ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ନିର୍ବାହ କରିବାରେ କେତେଦୂର ସଫଳ ହୋଇଛନ୍ତି, ସେ ସମ୍ପର୍କିତ ତଥ୍ୟ ସାର୍ବଜନୀନ କରିବା ଲାଗି ଏମ୍‌ପି ମହେଶ ସାହୁ ବୁଧବାର ଲୋକ ସଭାରେ ଦାବି କରିଛନ୍ତି। କମ୍ପାନୀଗୁଡ଼ିକ ସେମାନଙ୍କ ଲାଭାଂଶର ଅନ୍ୟୂନ ୨% ଅର୍ଥ ଜନମଙ୍ଗଳ କାର୍ଯ୍ୟରେ ଖର୍ଚ୍ଚ କରିବା ଲାଗି ଆଇନ ରହିଛି। ଏହାର ଖିଲାପ କଲେ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ବାସ୍ତବରେ କେଉଁ ବାବଦରେ କେତେ ଅର୍ଥ ବ୍ୟୟ ହୋଇଛି, ତାହା ସାର୍ବଜନୀନ କରିବା ଆବଶ୍ୟକ ବୋଲି ଏମ୍‌ପି ସାହୁ କହିଛନ୍ତି। ଏ ସଂକ୍ରାନ୍ତରେ ସେ କେନ୍ଦ୍ର ସରକାରଙ୍କ କମ୍ପାନୀ ବ୍ୟାପାର ମନ୍ତ୍ରୀଙ୍କ ମଧ ଦୃଷ୍ଟି ଆକର୍ଷଣ କରିଛନ୍ତି। ଓଡ଼ିଶାର ଉଭୟ ସରକାରୀ ଓ ଘରୋଇ କମ୍ପାନୀ ଜିଲା ୱାରି ତଥ୍ୟ ସେମାନଙ୍କ ଲୋକ ସଭା ଏମ୍‌ପିଙ୍କୁ ଗୋଚରାର୍ଥେ ଜଣାଇବା ପାଇଁ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଏମ୍‌ପି ସାହୁ ଦାବି କରିଛନ୍ତି।

# ଶହୀଦଙ୍କ ସ୍ମୃତିଚାରଣ

ଢେଙ୍କାନାଳ,୨୬।୭(ରତନ ନାୟାର)

ଢେଙ୍କାନାଳ ପୂର୍ବତନ ସୈନିକ ସଂଘ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ବୁଧବାର ପାଳିତ ହୋଇଯାଇଛି। କଠିନ ପରିସ୍ଥିତିରେ ଶତ୍ରୁଦେଶ ପାକିସ୍ତାନ ସହ ଯୁଦ୍ଧ ଲଢ଼ି ଶହୀଦ ହୋଇଥିବା ଯବାନଙ୍କ ସ୍ମୃତିଚାରଣ କରାଯାଇଥିଲା। ପୂର୍ବତନ ସୈନିକ ସଂଘର କର୍ମକର୍ତ୍ତାମାନେ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଶହୀଦ ସ୍ମୃତିସ୍ତମ୍ଭଠାରେ ଏକାଠି ହୋଇ ନୀରବ ପ୍ରାର୍ଥନା କରିବା ସହ ଶହୀଦଙ୍କ ଅମରାତ୍ମାର ସଦ୍‌ଗତି କାମନା କରିଥିଲେ। ସଂଘ ସଭାପତି କୈଳାସ ଚନ୍ଦ୍ର ରାଉତ, ଉପଦେଷ୍ଟା ଭ୍ରମରବର ଦଳାଇ, ଉପସଭାପତି ବିମଳ କୁମାର ଶତପଥୀ, ବିଭୂତି ଭୂଷଣ ନନ୍ଦ, ସମ୍ପାଦକ ସୁବାସ ଚନ୍ଦ୍ର ହୋତା, କୋଷାଧକ୍ଷ ଅଖିଳ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ।




କାର୍‌ଗିଲ୍ ଦିବସ ପାଳନ ଅବସରରେ ପୂର୍ବତନ ସୈନିକ ସଂଘର ସଦସ୍ୟମାନେ।

# ୩୦ରେ ଜିଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା

ଢେଙ୍କାନାଳ, ୨୬।୭(ରତନ ନାୟାର)

ଢେଙ୍କାନାଳ ସରସ୍ୱତୀ ବିଦ୍ୟାମନ୍ଦିରଠାରେ ବୁଧବାର ଜିଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ଚିନ୍ତାମଣି ନାଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୩୦ ତାରିଖ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜିଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତ୍ୟେକ ବିଦ୍ୟାଳୟରୁ ଛାତ୍ରୀଛାତ୍ର ଏଥିରେ ଭାଗନେବେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରକୁ ଚୟନ ହେବେ ବୋଲି ସୂଚନା ଦିଆଯାଇଛି। ବୈଠକରେ ଶିଶୁମନ୍ଦିର ସଭାପତି ବାବୁଚାନ୍ଦ ମହାଲିକ, ପ୍ରଧାନ ଆଚାର୍ଯ୍ୟ ନଗେନ୍ଦ୍ର ସାହୁ, ମିନତି ମହାରାଜ, ସୁଶୀଲ ପଣ୍ଡା, ଦୀପ୍ତିରଞ୍ଜନ ପଣ୍ଡା, ସବିତା ତ୍ରିପାଠୀ, ପୀତବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରଶ୍ମିତା ନନ୍ଦ ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ଓ କର୍ମଚାରୀ।

# ତାଳଚେର ସୁରକ୍ଷା ମଞ୍ଚକୁ ଭେଟିଲା ଏନ୍‌ଏନ୍‌ଇୟୁ

**ନାଲ୍‌କୋ ଲିନ୍‌ସ୍ଲରି ବନ୍ଦ ପ୍ରସଙ୍ଗ**

ବଁଅରପାଳ,୨୬।୭(ଉପେନ୍ଦ୍ର ରାଉତ)

ତାଳଚେରଠାରେ ସୁରକ୍ଷା ମଞ୍ଚ ପକ୍ଷରୁ ଗତ ୧୩ ତାରିଖରୁ ନାଲ୍‌କୋ ଲିନ୍‌ସ୍ଲରି ପ୍ରକଳ୍ପକୁ ଅଚଳ କରି ଦିଆଯାଇଛି। ତେଣୁ ନାଲ୍‌କୋ ସିପିପି ପ୍ଲାଣ୍ଟ ଘୋର ସଙ୍କଟ ଦେଇ ଗତି କରୁଛି। ଏଥିଯୋଗୁ ସିପିପିରେ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଉଛି। ଫଳରେ ନାଲ୍‌କୋ କର୍ତ୍ତୃପକ୍ଷ ଗ୍ରୀଡରୁ ଚଢ଼ା ଦରରେ ବିଦ୍ୟୁତ୍ କିଣୁଛନ୍ତି। ଅନ୍ୟପକ୍ଷରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନାଲ୍‌କୋ ସିପିପି ବନ୍ଦ କରି ଦେବା ପାଇଁ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଏଭଳି ପରିସ୍ଥିତିରେ ନାଲକୋ ନନ୍ ଏକ୍‌ଜିକ୍ୟୁଟିଭ ଏମ୍ପ୍ଲୋଇଜ୍ ୟୁନିୟନ



ଏନ୍‌ଏନ୍‌ଇୟୁ କର୍ମକର୍ତ୍ତାମାନେ ସୁରକ୍ଷା ମଞ୍ଚ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

(ଏନ୍‌ଏନ୍‌ଇୟୁ) ସାଧାରଣ ସମ୍ପାଦକ ରତ୍ନାକର ପରିଡ଼ା ନାଲ୍‌କୋର ଉଚ୍ଚ ଅଧିକାରୀଙ୍କୁ ଭେଟି ଏହାର ସମାଧାନ ପାଇଁ ଆଲୋଚନା କରିଛନ୍ତି। ଏ ନେଇ ପରିଡ଼ା ମୁଖ୍ୟମନ୍ତ୍ରୀ, ଖଣିମନ୍ତ୍ରୀ ଓ ଖଣି ସଚିବଙ୍କୁ ଅବଗତ କରାଇଛନ୍ତି। କେତେକ ଶ୍ରମିକ ସଙ୍ଗଠନ ସମାଧାନ ସୂତ୍ର ବାହାର ନ କରି ପରିସ୍ଥିତିକୁ ଜଟିଳ କରିବାରେ ଲାଗିଛନ୍ତି ବୋଲି ୟୁନିୟନ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ନାଲକୋ ଏନ୍‌ଏନ୍‌ଇୟୁ କର୍ମକର୍ତ୍ତାମାନେ ନାଲ୍‌କୋର ସମସ୍ୟା ସମାଧାନ ପାଇଁ ତାଳଚେର ସୁରକ୍ଷା ମଞ୍ଚ କର୍ମକର୍ତ୍ତାଙ୍କୁ ବୁଧବାର ସାକ୍ଷାତ କରି ଆଲୋଚନା କରିଥିଲେ। ଆନ୍ଦୋଳନରୁ ଓହରି ଯିବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ଏଥିରେ ନାଲ୍‌କୋର କିଛି ଉଚ୍ଚ ଅଧିକାରୀ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ୟୁନିୟନ ପକ୍ଷରୁ କୁହାଯାଇଛି।

# ସଙ୍ଗଠନକୁ ସୁଦୃଢ଼ କରିବାକୁ ସଂକଳ୍ପ

ଢେଙ୍କାନାଳ,୨୬।୭(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଚାଇଁପୁରସ୍ଥିତ ମଣିଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଅପରାହ୍ନରେ ଜିଲା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା)ର ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ାପଡ଼ା ବ୍ଲକ ସଭାପତି ଧ୍ରୁବଚରଣ ପୃଷ୍ଟି ଏଥିରେ ସଭାପତିତ୍ୱ କରିଥିଲେ। ଓଷ୍ଟା ସଂଘର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ରାଜ୍ୟ ସଂଘ ଉପସଭାପତି ପ୍ରମୋଦ ସ୍ୱାଇଁ ଯୋଗଦେଇ ସମସ୍ତ ବର୍ଗର ଶିକ୍ଷକ ସଙ୍ଗଠନକୁ ଏକାଠି ହେବା ପାଇଁ ଆହ୍ୱାନ ଦେଇଥିଲେ। ସଭାପତି ଯୁଗଳ କିଶୋର ପାଣି, ସମ୍ପାଦକ ମଧୁସୂଦନ ରାଉତ, କୋଷାଧକ୍ଷ ଅଶେଷ ମହାପାତ୍ର, ଚନ୍ଦ୍ରମଣି ଦଳବେହେରା, ପଦ୍ମନାଭ ବାରିକ ପ୍ରମୁଖ ଜିଲା ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ପାଦକ ବିଭୂତି ଭୂଷଣ ସାମଲ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ପ୍ରଧାନ ଶିକ୍ଷକ ସୁରେଶ ମହାପାତ୍ର, ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀରାମ ରାଉତ ସଂଘକୁ ଦୃଢ଼ କରିବା ପାଇଁ ସବୁ ସଙ୍ଗଠନର ସହଯୋଗ କାମନା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ ଯୋଗଦେଇ ସମସ୍ତ ସଂକଳ୍ପ ପାଠ କରାଇଥିଲେ। ଜିଲା ସଂଘର ଉପଦେଷ୍ଟା ପ୍ରଶାନ୍ତ ଧଳ, ଯୁଗ୍ମ ସମ୍ପାଦକ ଅଶ୍ୱିନୀ ରାୟ, ସଦସ୍ୟା ତୃପ୍ତିମୟୀ ସାହୁ, ହିନ୍ଦୋଳ ବ୍ଲକ ସମ୍ପାଦକ ତପନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୯ରେ ଜିଲା କନ୍‌ଭେନଶନକୁ ସଫଳ କରିବା ପାଇଁ ଶପଥ ପାଠ କରାଯାଇଥିଲା। ଓଡ଼ାପଡ଼ା ବ୍ଲକ ସମ୍ପାଦକ ଶଶିଭୂଷଣ ଦାସ ପରିଚାଳନା କରିଥିଲେ।



ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ମିଶ୍ରଣ ପର୍ବ।

# ଏନ୍‌ଏଚ୍ ପାର ହେଲେ ୩୦ ହାତୀ

ଢେଙ୍କାନାଳ,୨୬।୭(ରତନ ନାୟାର)

ଢେଙ୍କାନାଳ ସଦର ରେଞ୍ଜ୍ ମୋଟଙ୍ଗା ଥାନା ହଳଦିଆବାହାଳଠାରେ ବୁଧବାର ଅପରାହ୍ନରେ ୨ ପର୍ଯ୍ୟାୟରେ ୩୦ଟି ହାତୀ ୫୫ ନଂ. ଜାତୀୟ ରାଜପଥ ପାର ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୭ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୩ ହାତୀ ରାଜପଥ ପାର ହୋଇ ବ୍ରାହ୍ମଣୀ ନଦୀ କୂଳ ମୁହାଁ ହୋଇଥିଲେ।

ବଣୁଆ ହାତୀପଲ ରାସ୍ତା ଉପରେ କିଛି ସମୟ ପାଇଁ ଛିଡ଼ା ହୋଇ ରହିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ହାତୀପଲକୁ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ବନ କର୍ମଚାରୀମାନେ ରାସ୍ତାର ଉଭୟ ପାର୍ଶ୍ୱରେ ରହି ହାତୀଙ୍କ ଗତିବିଧି ଉପରେ ନଜର ରଖିଥିଲେ। ପ୍ରାୟ ୧ ଘଣ୍ଟା ପରେ ହାତୀପଲ ରାସ୍ତା ପାର୍ ହେବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏ ସଂକ୍ରାନ୍ତରେ ସଦର ରେଞ୍ଜର ବିଭୂଦାନନ୍ଦ ମିଶ୍ର କହିଛନ୍ତି, ୩ ଦିନ ହେଲା ଦୁଇଟି ଦଳରେ ୩୦ ହାତୀ ବ୍ରାହ୍ମଣୀ ନଦୀ ପାର ହୋଇ ନିମିଧା ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଥିଲେ। ସନ୍ଧ୍ୟାରେ ଉକ୍ତ ହାତୀପଲ ଏନ୍‌ଏଚ୍ ପାର ହୋଇ ନଦୀ କୂଳକୁ ଯାଉଛନ୍ତି। ପୁଣି ରାତିରେ ନିମିଧା ଜଙ୍ଗଲକୁ ଫେରି ଆସୁଛନ୍ତି। ଧନଜୀବନ ସୁରକ୍ଷା ପାଇଁ ଅଧିକ ବନ କର୍ମଚାରୀ, ଏଲିଫ୍ୟାଣ୍ଟ ସ୍କ୍ୱାଡ୍ ନିୟୋଜିତ କରାଯାଇଛି। ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିବା ରେଞ୍ଜର କହିଛନ୍ତି।



୫୫ନଂ ଜାତୀୟ ରାଜପଥର ହଳଦିଆବାହାଳଠାରେ ହାତୀପଲ ରାସ୍ତା ପାର ହେଉଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**ଛେଣ୍ଡିପଦା,୨୬।୭(ଅଜିତ ଧଳ):** ଅନୁଗୋଳ ଜିଲା ଜରପଡ଼ା ଥାନା କଞ୍ଚରା ଗ୍ରାମର ରମା ପ୍ରଧାନ (୨୫)ଙ୍କୁ ତାଙ୍କ ସ୍ୱାମୀ ତଥା ତୁବେ ଗ୍ରାମର ଗୁଣନିଧି ସାହୁ ନିର୍ଯାତନା ଦେଉଥିବା ଥାନାରେ ଅଭିଯୋଗ ହୋଇଛି। ରମାଙ୍କୁ ୧୫ମାସ ତଳେ ଗୁଣନିଧି ବିବାହ କରିଥିଲେ। ବିବାହ ପରେ ଗୁଣନିଧି ଗାଳିଗୁଲଜ କରିବା ସହ ନିର୍ଯାତନା ଦେଇ ଆସୁଥିଲେ ବୋଲି ରମା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ନଂ.୨୨୯/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### କଟୁରି ଚୋଟରେ ଯୁବକ ଗୁରୁତର

**ଛେଣ୍ଡିପଦା,୨୬।୭(ଅଜିତ ଧଳ):** ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅଧୀନ ବଡ଼କେରେଜାଙ୍ଗ ବଅଁରଡ଼ିହ ଗ୍ରାମର ଟୁନା ପ୍ରଧାନ (୨୨)ଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଏ ଟୁନାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୩୦/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଟୁନା ଗ୍ରାମ ପିଢ଼ ଦେଇ ଯାଉଥିବା ସମୟରେ ତାଙ୍କ ଭାଇ ରଞ୍ଜିତ ପ୍ରଧାନଙ୍କୁ ଉକ୍ତ ଗ୍ରାମର କିଶୋରୀ ପ୍ରଧାନଙ୍କ ଜ୍ୱାଇଁ ହର୍ଷ ବେହେରା ଗାଳିଗୁଲଜ କରୁଥିବା ଦେଖିଥିଲେ। ଟୁନା ଏହାକୁ ବିରୋଧ କରିବାରୁ ହର୍ଷ ଏକ କଟୁରିରେ ତାଙ୍କ ହାତକୁ ହାଣି ଦେଇଥିଲେ। ହର୍ଷଙ୍କ ଶଳା ସାରଥି ପ୍ରଧାନ, ମା' ତୁଳା ପ୍ରଧାନ ଓ ସ୍ତ୍ରୀ ମମତା ପ୍ରଧାନ ମଧ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ଏତଲାରେ ଦର୍ଶାଯାଇଛି।

### ଦନ୍ତା ନଷ୍ଟ କଲା ଚାଷ

**ବଇଣ୍ଡା, ୨୬।୭(ପରିକ୍ଷିତ ସାହୁ)-** କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜର କଣ୍ଟେଇକୁଳିଆ ଗ୍ରାମରେ ମଙ୍ଗଳବାର ଏକ ଦନ୍ତାହାତୀ ଉପଦ୍ରବ ସୃଷ୍ଟି କରିଛି। ଉକ୍ତ ଦନ୍ତା ନିକଟ ଜଙ୍ଗଲରୁ ଗ୍ରାମାଭିମୁଖୀ ହୋଇ ଅଭିରାମ ସାହୁ, କ୍ଷୀରୋଦ ପ୍ରଧାନ, ପତି ସାହୁଙ୍କ ବଗିଚାରେ ପଶି କଦଳୀ, ଆମ୍ବ, ଆଖୁ ଫସଲ, ପରିବା ଚାଷ ନଷ୍ଟ କରିଦେଇଛି। ହାତୀକୁ ଘଉଡ଼ାଇବା ପାଇଁ ବନ ବିଭାଗକୁ ସୂଚନା ଦେଲେ ମଧ ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି କ୍ଷତିପୂରଣ ପ୍ରଦାନ କରିବା ଲାଗି ଚାଷୀମାନେ ଦାବି କରିଛନ୍ତି।

### ୧୦ ଫୁଟର ଅଜଗର ଉଦ୍ଧାର



**ଅନୁଗୋଳ, ୨୬।୭(ଅମିତ ସାମଲ)-** ଅନୁଗୋଳ ସହର ଉପକଣ୍ଠ ସାକୋସିଂହା ଗ୍ରାମରୁ ବୁଧବାର ୧୦ ଫୁଟ ଲମ୍ବର ଏକ ଅଜଗର ଉଦ୍ଧାର କରାଯାଇଛି। ଗ୍ରାମର ବାସୁଦେବ ନାୟକଙ୍କ ଘରେ ଅଜଗର ପଶୁଥିବା ଦେଖି ପରିବାର ଲୋକେ ସର୍ପମିତ୍ର ଆଦିତ୍ୟ ବେହେରାଙ୍କୁ ସୂଚନା ଦେଇଥିଲେ। ସହଯୋଗୀ ବିଜୁ ଭୋଇ, କୁଲଦୀପ ଦାସ, ଟିନୁ ସାହୁ, ସୀତୁ ସିଂ ପ୍ରମୁଖ ପହଞ୍ଚି ସାପକୁ ଉଦ୍ଧାର କରିବା ସହ ବନ ବିଭାଗକୁ ସୂଚନା ଦେଇଥିଲେ। ବନପାଳ ହରମୋହନ ସାହୁ, ମିଲନ କୁମାର ସେଠୀଙ୍କ ଉପସ୍ଥିତିରେ ଅଜଗରକୁ ଏହାର ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ି ଦିଆଯାଇଛି।

# ମଡେଲ ହାଟ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ ବିରୋଧ

**ପାଲଲହଡ଼ା, ୨୬।୭(ଦିବ୍ୟଜ୍ୟୋତି ଦାସ)**



ନିର୍ମାଣ କାର୍ଯ୍ୟକୁ ବିରୋଧ କରୁଥିବା ଗ୍ରାମବାସୀ।

ଅଞ୍ଚଳବାସୀଙ୍କ ଭାବାବେଗ ସହିତ ଜଡ଼ିତ ପ୍ରାଚୀନ ପୋଖରୀକୁ ପୋତି ଅତ୍ୟାଧୁନିକ ହାଟ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଛନ୍ତି ପାଲଲହଡା ବ୍ଲକ ନିଜିଗଡ଼ ପଞ୍ଚାୟତ ଅନ୍ତର୍ଗତ କାଇଁଶୀରିପାଲି ଗ୍ରାମବାସୀ। ବୁଧବାର ଶତାଧିକ ମହିଳାପୁରୁଷ ଏକାଠି ହୋଇ ନିର୍ମାଣ କାର୍ଯ୍ୟ ବନ୍ଦ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଅତ୍ୟାଧୁନିକ ହାଟ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି। ତେବେ ଏଥିଲାଗି ଗ୍ରାମ ପୋଖରୀକୁ ପୋତାଯାଉଛି। ଉକ୍ତ ପୋଖରୀ ଉପରେ ଅଞ୍ଚଳବାସୀ, ଗୃହପାଳିତ ପ୍ରାଣୀ ନିର୍ଭର କରୁଛନ୍ତି। ପୋଖରୀ ପୋତି ଦିଆଗଲେ ସମସ୍ୟା ବଢ଼ିବ ବୋଲି ଲୋକମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଅନ୍ୟପଟେ ୩ଦିନ ତଳେ ଏ ସଂକ୍ରାନ୍ତରେ ଏକ ତାରିଖ ବିହୀନ ନୋଟିସ ପାଲଲହଡା ତହସିଲ ପକ୍ଷରୁ ଗାଁ ଛକରେ ଥିବା ଦୋକାନ ଘରେ ଲଗାଯାଇଥିଲା। ନିର୍ମାଣାଧୀନ ଜାଗା ସମ୍ପର୍କରେ କାହାର ଆପତ୍ତି ଅଭିଯୋଗ ଥିଲେ ଥିଲେ ୩୦ଦିନ ଭିତରେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିପାରିବେ ବୋଲି ଏଥିରେ ଦର୍ଶଯାଇଥିଲା। ତେବେ ନୋଟିସ୍ ଲଗାଯିବା ପୂର୍ବରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏ ନେଇ ଗ୍ରାମବାସୀ ମିଳିତ ଭାବେ ସୋମବାର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ବୁଧବାର ନିର୍ମାଣ କାର୍ଯ୍ୟ ଚାଲିଥିବା ଜଣାପଡ଼ିବା ପରେ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି।

ଏ ନେଇ ତହସିଲଦାର ଲମ୍ବୋଦର ମାରାଣ୍ଡି କୁହନ୍ତି, ସରକାରୀ ରେକର୍ଡରେ ଉକ୍ତ ଜମି ଉପରେ କୌଣସି ଜଳାଶୟ କିମ୍ବା ପୋଖରୀ ନାହିଁ। ଏହା ପତିତ କିସମ ଜମି। ସରକାରୀ ଜମିକୁ ଆବଦ୍ଧ ପାଇଁ ପାଚେରି ନିର୍ମାଣ ଚାଲିଛି। ମାର୍କେଟ କମ୍ପ୍ଲେକ୍ସ ପାଇଁ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ୩ ଏକର ଜାଗା ପାଇଁ ପ୍ରସ୍ତାବ ରହିଛି। ଏହା ବିଚାରାଧୀନ ରହିଛି। ଗ୍ରାମବାସୀଙ୍କ ଯଦି କିଛି ଅଭିଯୋଗ ଅଛି, ସେମାନେ ଲିଖିତ ଭାବରେ ଦିଅନ୍ତୁ। ହେଲେ ସରକାରୀ କାମକୁ ବିରୋଧ କଲେ ଆଇନ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଚୋରି ଅଭିଯୁକ୍ତଙ୍କୁ କାବୁ କଲେ ଗ୍ରାମବାସୀ

**ବଇଣ୍ଡା, ୨୬।୭(ପରିକ୍ଷିତ ସାହୁ)**

**ପ୍ରଥମ ଥର ପାର୍, ଦ୍ୱିତୀୟ ଥର ଧରାପଡ଼ିଲେ**

ପ୍ରଥମ ଥର ଚୋରି କରି ଖସିଯାଇଥିଲେ। ହେଲେ ଦ୍ୱିତୀୟ ଥର ଭାଗ୍ୟ ସହାୟ ହେଲାନାହିଁ। ଧରାପଡ଼ିଗଲେ। ଗ୍ରାମବାସୀ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଲେ। ଅନୁଗୋଳ ଜିଲା କିଶୋରନଗର ଥାନା ଡାଲିମୁରା ଗ୍ରାମରେ ବୁଧବାର ଘଟିଥିବା ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଅଭିଯୁକ୍ତ ଜଣକ ହେଲେ ମାଣିକପୁର ଗ୍ରାମର ବାବୁଲି ମହାନନ୍ଦିଆ। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଗ୍ରାମବାସୀଙ୍କ କହିବା କଥା, ଗ୍ରାମର ରୀତାଞ୍ଜଳି ପ୍ରଧାନଙ୍କ ଘରୁ ଗତ ଶନିବାର ରାତିରେ ଚୋରି ହୋଇଥିଲା। ବାବୁଲିଙ୍କ ସମେତ ଅନ୍ୟ ୬ଜଣ ସହଯୋଗୀ ଘରେ ପଶି ସୁନା, ରୁପା ଅଳଙ୍କାର, ନଗଦ ୫୦୦୦ ଟଙ୍କା ନେଇଯାଇଥିଲେ। ଏ ନେଇ ରୀତାଞ୍ଜଳି ରବିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଥିଲେ ମଧ ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ସୂଚନା ପାଇପାରି ନ ଥିଲା। ବୁଧବାର ଭୋର୍ ସମୟରେ ବାବୁଲି ଏବଂ ତାଙ୍କ ସହଯୋଗୀମାନେ ପୁନର୍ବାର ରୀତାଞ୍ଜଳିଙ୍କ ଘରେ ପଶି ଚୋରି କରିବାକୁ ଉଦ୍ୟମ କରିବା ବେଳେ ଗ୍ରାମବାସୀଙ୍କ ନଜରରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ବାବୁଲିଙ୍କୁ କାବୁ କରିଥିବାବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ତେବେ ଅଭିଯୁକ୍ତଙ୍କୁ ଜେରା ବେଳେ ଚୋରିରେ ସମ୍ପୃକ୍ତ ଅନ୍ୟ ୫ଜଣଙ୍କ ସମ୍ପର୍କରେ ପୋଲିସକୁ ସୂଚନା ମିଳିଛି। ତେବେ ତଦନ୍ତରେ ବାଧା ଆଶଙ୍କା ଥିବାରୁ ସେମାନଙ୍କ ନାମ ଗୋପନ ରଖାଯାଇଛି। ଏ ସଂକ୍ରାନ୍ତରେ ନଂ. ୧୪୫/୨୩ରେ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବାରୁ ଏହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଥିଲା। ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସୁଶାନ୍ତ ଜାତୀୟ ଉସୁ ଜଜ୍

**ଅନୁଗୋଳ, ୨୬।୭(ଅମିତ ସାମଲ)**

ଝାଡ଼ଖଣ୍ଡ ରାଜ୍ୟ ରାଞ୍ଚିସ୍ଥିତ ଶାରଳା ବିର୍ଲା ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ଜାତୀୟ ଉସୁ ବିଚାରକ ପ୍ରଶିକ୍ଷଣ ଏବଂ ପ୍ରମାଣପତ୍ର ପାଠ୍ୟକ୍ରମରେ ଓଡ଼ିଶାରୁ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀ ଜାତୀୟ ଉସୁ ଜଜ୍ ଭାବେ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଅନୁଗୋଳର ସୁଶାନ୍ତ ନାଏକ। ଜିଲାର ଗୌରବ ବଢ଼ାଇଥିବାରୁ ତାଙ୍କୁ ଓଡ଼ିଶା ଉସୁ ଆସୋସିଏଶନ ପ୍ରତିଷ୍ଠାତା ଏସ୍.ଏସ୍. ହରିଚନ୍ଦନ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସେଠ, ଜିଲା ଉସୁ ଆସୋସିଏଶନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଆଗାମୀ ପିଢିର ପ୍ରତିଯୋଗୀଙ୍କୁ ପ୍ରଶିକ୍ଷଣରେ ସେ ସହାୟତା କରିବେ ବୋଲି ଆଶାବ୍ୟକ୍ତ କରାଯାଇଥିଲା। ଗତ ୧୭ ତାରିଖରୁ ୨୩ ତାରିଖ ଯାଏ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ସୁଶାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ପକ୍କା ହେବ ପୋକୁଣ୍ଡା–ବୃନ୍ଦାବନପୁର ରାସ୍ତା

**ଅନୁଗୋଳ, ୨୬।୭(ଅମିତ ସାମଲ)**

ଅନୁଗୋଳ ବ୍ଲକ ଅନ୍ତର୍ଗତ ମାଣିକଯୋଡ଼ି ପଞ୍ଚାୟତର ବୃନ୍ଦାବନପୁର ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ। ଏହି କାରଣରୁ ଗତ ସୋମବାର ୮୦ ବର୍ଷୀୟ ଶ୍ରୀବସ୍ତ ସାହୁଙ୍କୁ ଶଗଡ଼ରେ ବୋହି ଡାକ୍ତରଖାନାକୁ ନିଆଯାଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳ ସିଦ୍ଧାର୍ଥ କୁମାର ସ୍ୱାଇଁ ଏହି ଘଟଣାରେ ହସ୍ତକ୍ଷେପ କରିବା ସହ ଏହାର ସରଜମିନ ତଦନ୍ତ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତାଙ୍କ କାର୍ଯ୍ୟାଳୟର ବୈଷୟିକ କର୍ମଚାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ରିପୋର୍ଟରୁ ଜଣାପଡ଼ିଛି, ୨୦୨୨–୨୩ ଆର୍ଥିକ ବର୍ଷରେ ପୋକୁଣ୍ଡା–ବୃନ୍ଦାବନପୁର ରାସ୍ତାକୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସାମିଲ କରାଯାଇ ୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇଥିଲା। ରାସ୍ତା ଉନ୍ନତୀକରଣରେ ୧ ଲକ୍ଷ ୭୪ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ତେବେ ପ୍ରବଳ ବର୍ଷା ହେତୁ ରାସ୍ତା କାମରେ ବାଧା ସୃଷ୍ଟି ହୋଇଛି। ବର୍ଷା କମିବା ପରେ ରାସ୍ତାକୁ ପକ୍କା କରାଯିବ ବୋଲି ବିଡିଓ କହିଛନ୍ତି।

# ପେସା ଶିକ୍ଷକତା, ନିଶା ରକ୍ତଦାନ

**ଶାନ୍ତନୁଙ୍କୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା**

**ତାଳଚେର, ୨୬।୭(ମନୋଜ ନନ୍ଦ)**



ଶାନ୍ତନୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବୃତ୍ତିଗତ ଜୀବନରେ ଜଣେ ଶିକ୍ଷକ। ହେଲେ ନିଶା ରକ୍ତଦାନ। ରକ୍ତ ଅଭାବରୁ କେହି ଯେପରି ମୃତ୍ୟୁମୁଖରେ ନ ପଡ଼ନ୍ତୁ ଏଭଳି ମହତ୍ ଲକ୍ଷ୍ୟ ନେଇ ଅଦ୍ୟାବଧି ୬୭ ଥର ରକ୍ତଦାନ କରି ସାରିଲେଣି ତାଳଚେର ଶିକ୍ଷା ଜିଲା କଙ୍କିଳି ପ୍ରାଥମିକ ସ୍କୁଲର ଶିକ୍ଷକ ଶାନ୍ତନୁ କୁମାର ସାହୁ। ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିବା ଶାନ୍ତନୁଙ୍କୁ ବୁଧବାର ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ ତାଙ୍କ ପ୍ରକୋଷ୍ଠରେ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ତାଙ୍କର ଦୀର୍ଘଜୀବନ କାମନା କରିଥିଲେ। ସୁସ୍ଥ ଥିବା ଯାଏ ରକ୍ତଦାନ କାର୍ଯ୍ୟ ଅବ୍ୟାହତ ରଖିବେ ବୋଲି ଶାନ୍ତନୁ ପ୍ରତିକ୍ରିୟାରେ କହିଛନ୍ତି।

୪୨ ବର୍ଷୀୟ ଶାନ୍ତନୁ ବ୍ୟସ୍ତମୟ ଶିକ୍ଷକ ଜୀବନ ମଧ୍ୟରେ ସମୟ ବାହାର କରି ନିୟମିତ ରକ୍ତଦାନ କରି ଆସୁଛନ୍ତି। ଏଥିସହ ଯୁବପିଢ଼ିଙ୍କ ମଧ୍ୟରେ ଏ ନେଇ ସଚେତନତା ମଧ ସୃଷ୍ଟି କରୁଛନ୍ତି। ତାଳଚେର ଭଳି ଦୁର୍ଘଟଣାପ୍ରବଣ ଅଞ୍ଚଳରେ ରକ୍ତର ଆବଶ୍ୟକତା ଅନୁଭବ କରି ସେ ଏହି ମହତ୍ କାର୍ଯ୍ୟ ଜାରି ରଖିଛନ୍ତି। ଗତ ୧୯ ତାରିଖରେ ତାଳଚେର ଉପଖଣ୍ଡ ଚିକିତ୍ସାଳୟସ୍ଥିତ ରକ୍ତଭଣ୍ଡାରରେ ସେ ନିଜର ୬୭ତମ ରକ୍ତଦାନ କରିଥିଲେ। ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବଳରାମ ପତି, ପରିବେଶପ୍ରେମୀ ବାଉରୀବନ୍ଧୁ ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବଇଣ୍ଡା,୨୬।୭(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ବଡଡ଼ଙ୍ଗିଆଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ଦେହୁରୀଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସ୍କୁଲ ପରିଚାଳନା କମିଟି ଉପସଭାନେତ୍ରୀ ସାଗରିକା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ସିଆର୍‌ସିସି ଶରତ ଚନ୍ଦ୍ର ସେଠୀ, ସୁରେନ୍ଦ୍ର ପ୍ରଧାନ, ସସ୍ମିତା ପ୍ରଧାନ, ପ୍ରାଚୀତାରା ସାହୁ, ସୁପ୍ରଭା ବେହେରା, ସଂଯୁକ୍ତା ପ୍ରଧାନ, ଦୁଲ୍ଲଭାନନ୍ଦ ପ୍ରଧାନ, ସନ୍ତୋଷ ନାୟକ, ବିରଞ୍ଚି ମିର୍ଦ୍ଧା, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମଧୁସୂଦନଙ୍କ ଶିକ୍ଷକତା ଜୀବନ ଉପରେ ଆଲୋକପାତ କରିଥିଲେ। ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



ସଭାରେ ଉପସ୍ଥିତ ଅତିଥିମାନେ।

# ମିଳିତ ବହୁମୁଖୀ ଶୃଙ୍ଖଳା କମିଟିର ଯାଞ୍ଚ

**ପାଲଲହଡ଼ା, ୨୬।୭ (ଦିବ୍ୟଜ୍ୟୋତି ଦାସ)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ମୁଖ୍ୟ ବଜାରରେ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ମିଳିତ ବହୁମୁଖୀ ଶୃଙ୍ଖଳା କମିଟି ପକ୍ଷରୁ ବୁଧବାର ଯାଞ୍ଚ କରାଯାଇଛି। ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ନେତୃତ୍ୱରେ ବ୍ୟବସାୟିକ ପ୍ରତିଷ୍ଠାନ, ହୋଟେଲ, ପେଟ୍ରୋଲ ପମ୍ପ, ରାଶନ ଦୋକାନରେ ତନଖି କରାଯାଇଥିଲା। ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଥିବା ଦୁଇଟି ହୋଟେଲ ସିଲ୍ କରାଯାଇଛି। ଚଢ଼ାଉରେ ମାପ ଓ ଓଜନ ବିଭାଗ, ଯୋଗାଣ ବିଭାଗ, ଅବକାରୀ ବିଭାଗ, ପୋଲିସ ଫୋର୍ସ ସାମିଲ ହୋଇଥିଲେ।

# କାର୍‌ଗିଲ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସମେତ ଛାତ୍ରୀଛାତ୍ରମାନେ।

**ତାଳଚେର, ୨୬।୭(ମନୋଜ ନନ୍ଦ)**

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଆଚାର୍ଯ୍ୟ ରବିନ୍ କୁମାର ବରାଳ, ଅନ୍ୟତମ ବକ୍ତା ଭାବେ ଆଚାର୍ଯ୍ୟ ବୀରେନ୍ କୁମାର ପ୍ରଧାନ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ କାରଗିଲ୍ ବିଜୟ ଦିବସ ସମ୍ବନ୍ଧରେ ଆଲୋକପାତ କରିଥିଲେ। କାର୍‌ଗିଲ ଯୁଦ୍ଧରେ ଦେଶ ସୁରକ୍ଷା ପାଇଁ ଜୀବନ ବଳିଦାନ ଦେଇଥିବା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଆଚାର୍ଯ୍ୟା ପ୍ରିୟଙ୍କା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ଅନିଲ ସାହୁ, ମଳୟ ଦାସ, କୁମୁଦ ବେହେରା, ସଞ୍ଜୟ ସାଲିମା, ଜ୍ୟୋତିର୍ମୟୀ ସେନାପତି, ମୋନାଲିସା ମହାନ୍ତି, ସୁକନ୍ୟା ମାଝି ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଶିଶୁ ଯତ୍ନକୁ ଗୁରୁତ୍ୱ ଦେଉଥିଲେ ଅବଳା

**ବଇଣ୍ଡା, ୨୬।୭(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମର ଧର୍ମପ୍ରାଣା ମହିଳା ଅବଳା ବେହେରାଙ୍କ ପରଲୋକରେ ବୁଧବାର ଗ୍ରାମବାସୀଙ୍କ ତରଫରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକ ବିଜେଡି ଯୁବସଭାପତି ଅରୁଣ ସାହୁ, ଗିରୀଶ ଚନ୍ଦ୍ର ବେହେରା, ଉଗ୍ରସେନ ସେଠୀ, ଜିତେନ୍ଦ୍ର ବେହେରା, ବିନିତ ସାହା, ପରିକ୍ଷିତ ସାହୁ, ଅନିଲ ବେହେରା, ଛବି ପ୍ରଧାନ, ଶରତ ବେହେରା, ଅଲେଖ ସାହୁ, ରଞ୍ଜନ ବେହେରା, ସଞ୍ଜୟ ସାହୁ, ହେମନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶିଶୁଙ୍କ ଯତ୍ନ ନେବା ଲାଗି ଅବଳା ଅଞ୍ଚଳବାସୀଙ୍କୁ ପରାମର୍ଶ ଦେଉଥିଲେ। ତାଙ୍କ ପରଲୋକ ମର୍ମାହତ କରିଛି ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଅବଳାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ଅମରାତ୍ମାର ସଦ୍‌ଗତି କାମନା କରାଯାଇଥିଲା।



ସ୍ମୃତିସଭାରେ ଗ୍ରାମବାସୀ।

# କୁଦ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

**ଆଠମଲ୍ଲିକ,୨୬।୭(ଉଦିପ୍ତ ପୁରୋହିତ)**

ମହାନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ପରେ ହୀରାକୁଦରୁ ଜଳ ନିଷ୍କାସନ ଆରମ୍ଭ ହୋଇଛି। ଫଳରେ ତଳି ଅଞ୍ଚଳ ଆଠମଲ୍ଲିକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ମହାନଦୀ ଗର୍ଭରେ ଥିବା କୁଦ ଗାଁର ଉଭୟ ପାର୍ଶ୍ୱରେ ଜଳପତ୍ତନ ବୃଦ୍ଧି ପାଇବାରୁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନାଙ୍କ ନେତୃତ୍ୱରେ ତହସିଲଦାର ଯଶୋବନ୍ତ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ରାଜସ୍ୱ ନିରୀକ୍ଷକ ଉଦୟ ନାୟକ ଘଟଣାସ୍ଥଳରେ ପହଞ୍ଚି ବନ୍ୟା ପରିସ୍ଥିତି ସମୀକ୍ଷା କରିଛନ୍ତି। ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିବା ଲୋକଙ୍କ ଯାତାୟାତ ସୁବିଧା ପାଇଁ ତହସିଲ ପକ୍ଷରୁ ଗୁରୁବାରଠାରୁ ଯନ୍ତ୍ରଚାଳିତ ବୋଟ ଯୋଗାଇ ଦିଆଯିବ। ସ୍ୱାସ୍ଥ୍ୟ ଟିମ୍ ମଧ ପଠାଯିବ। ୪ ଗର୍ଭବତୀଙ୍କୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯିବାକୁ କୁହାଯାଇଛି। ଅନ୍ୟପଟେ ଛୋଟ ଛୁଆମାନଙ୍କ ପାଇଁ ଛତୁଆ ମହଜୁଦ୍ ରଖିବାକୁ ଉପଜିଲାପାଳ ସୁନା ନିର୍ଦ୍ଦେଶ ଦେଇଛନ୍ତି। କୁଦଗାଁ ଟାପୁରେ ସମୁଦାୟ ୬୫ଟି ପରିବାର ବସବାସ କରୁଥିବାବେଳେ ମୋଟ ଜନସଂଖ୍ୟା ପ୍ରାୟ ୩୦୦। ବନ୍ୟା ଯୋଗୁ ଯାତାୟାତ ସମ୍ଭବ ହୋଇ ନ ପାରିବା ଯୋଗୁ ସେମାନେ ଆତଙ୍କିତ ଅବସ୍ଥାରେ ରହିଥିବା ଜଣାପଡ଼ିଛି।



ଅଧିକାରୀମାନେ ସ୍ଥିତି ସମୀକ୍ଷା କରୁଛନ୍ତି।

